# ୫୦ କେଜି ଗଞ୍ଜେଇ ଜବତ; ୫ ଗିରଫ

କାଲିମେଳା,୨୧।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଏମ୍‌ଭି -୨୭ ଗ୍ରାମ ୩୨୬ ଜାତୀୟରାଜପଥ ନିକଟରେ କାଲିମେଳା ପୁଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ୫୦ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସିଏଚ ୟେଶୋଦାଶ୍ରୁ, ଡି ପ୍ରବୀଣ କୁମାର, ଏ ମହେଶ ବାବୁ, ଏନ ରାହୁଲ, ପି ମନେନ୍ଦ୍ର ବାବୁ। ସେମାନେ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ହୋଇଥିବା ବେଳେ ସେମାନଙ୍କ ପାଖରୁ ଦୁଇଟି ମଟର ସାଇକେଲ, ତିନୋଟି ମୋବାଇଲ୍ ଫୋନ୍ ଜବତ କରିଛି କାଲିମେଳା ପୁଲିସ। ସେମାନେ ଏମଭି -୨୭ ଗ୍ରାମ ୩୨୬ ଜାତୀୟ ରାଜପଥ ନିକଟରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖି ବସିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲେ। ଏନେଇ ପୁଲିସ୍ କେସ୍ ନମ୍ବର ୮୬/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ କହିଛନ୍ତି।

● ଛାତରୁ ଡେଇଁ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ୨ ୱାର୍ଡର ନିଲମ୍ବିତ; ୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ

କୋରାପୁଟ,୨୧।୪(ସମିସ): କୋରାପୁଟ ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀଙ୍କ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ୨ ଜଣ ୱାର୍ଡରଙ୍କୁ ନିଲମ୍ବିତ କରାଯାଇଛି। ଏହାସହ ୪ ଜଣ ଜେଲ୍ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଉଛି ବୋଲି ଜେଲ୍ ଅଧୀକ୍ଷକ କୁଅଁର ମାରାଣ୍ଡି ପ୍ରକାଶ କରିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି। ଗୁରୁତର ଆହାତ ହୋଇଥିବା କଏଦୀଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସୁନାବେଡ଼ା ଥାନା ମୋହନପଡା ଗ୍ରାମର ଧନୁର୍ଜ୍ୟୟ ମାଝୀ (୨୪) ଏକ ହତ୍ୟା ମାମଲାରେ ୨୦୨୫ ଡିସେମ୍ବରରେ ଗିରଫ ହେବା ପରେ କୋରାପୁଟ ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀ ଭାବେ ରହିଥିଲେ। ପେଟ ଯନ୍ତ୍ରଣା ଅଧିକ ହେବାରୁ ଧନୁର୍ଜୟ ଘଟଣା ଦିନ ସକାଳ ସମୟରୁ ତିନି ମହଲା ଉପରେ ଲୁଚି ରହିଥିଲେ। ସନ୍ଧ୍ୟା ସମୟରେ ଜେଲ କର୍ତ୍ତୃପକ୍ଷ ଖୋଜାଖୋଜି କରିବା ବେଳକୁ ସେ ଛାତରୁ ଡେଇଁ ପଡ଼ିଥିଲେ। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଧନୁର୍ଜୟ ଏଭଳି ପଦକ୍ଷେପ ନେଇଥିବା ପରିବାରବର୍ଗ ଅଭିଯୋଗ କରିଥିଲେ।

## ଦିନକରେ ଦୁର୍ଘଟଣା ନେଲା ୩ ଜୀବନ

# ପିକଅପ୍-ବାଇକ ମୁହାଁମୁହିଁ ଧକ୍କା; ୨ ମୃତ



ବୈପାରୀଗୁଡା,୨୧।୪(ସମିସ): ବୈପାରୀଗୁଡା ବ୍ଲକ କାଲିଆଝଲି ଛକରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଜଣକ ମୃତ୍ୟୁ ଘଟିଛି। ରାମଗିରି ଫାଣ୍ଡି ଅନ୍ତର୍ଗତ କାଲିଆଝଲି ଛକରେ ପିକଅପ ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ମଝାଗୁଡା ଗାଁର ରବିନନ୍ଦ ମସ୍ତି ଓ କାନ୍ଦିଲିବେଡା ଗାଁର ମହେଶ୍ୱର ଫେଦାପଡିଆ ବୋଲି ଜଣାପଡିଛି। ଆଜି ସକାଳେ ରାମଗିରି ଠାରୁ ଦଣ୍ଡାବାଡ଼ି ଅଭିମୁଖେ ଏକ ପିକଅପ ଭ୍ୟାନ ଯାଉଥିଲା। ଏହି ସମୟରେ ଦଣ୍ଡାବାଡ଼ି ପଟୁ ରାମଗିରିକୁ ଗୋଟିଏ ବାଇକରେ ରବିନନ୍ଦ ଓ ମହେଶ୍ୱର ୨ ଜଣ ଆସୁଥିଲେ। ମଝାଗୁଡା ଛକରେ ବାଇକ ସହ ପିକଅପ ଭ୍ୟାନ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ବାଇକ ଆରୋହୀ ଛିଟିକି ପଡି ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ଉଭୟ ଗୁରୁତରଙ୍କୁ ବୈପାରୀଗୁଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପିକଅପ ଭ୍ୟାନ ଡ୍ରାଇଭରକୁ ଅଟକ ରଖି ତଦନ୍ତ କରୁଛି।

# ଓଲଟିଲା ପିଡିଏସ୍ ଚାଉଳ ବୋଝେଇ ଟ୍ରକ୍; ଚାଳକ ଗୁରୁତର



ଗୁଣୁପୁର,୨୧।୪(ସମିସ): ରାୟଗଡା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ କୁଲୁସିଂ ପଞ୍ଚାୟତର ଖାଡାସି ନିକଟ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍। ଘଟଣାସ୍ଥଳରେ ଟ୍ରକ୍ ଚାଳକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଯାଇଛି। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ୍ ଚାଳକ ହେଲେ ରାୟଗଡ଼ାର ଗୋପାଳ ବେହେରା (୪୦)। ଟ୍ରକର ପିଡିଏସ୍ ଚାଉଳ ଧରି ଗୁଣୁପୁରରୁ କଲୁସିଂ ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରେ ପୁଟାସିଂ ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଥିବା ପୁଟାସିଂ ଥାନା ଅଧିକାରୀ ବିଦ୍ୟୁଲତା ନାୟକ ସୂଚନା ଦେଇଛନ୍ତି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

ଚନ୍ଦ୍ରପୁର,୨୧।୪(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ର କମାରଗୁଡ଼ି ଗ୍ରାମକୁ ବାଇକ୍ ଯୋଗେ ଜଳନିଧି ଗ୍ରାମର ଦୁଇ ଜଣ ବୃନ୍ଦାବନ ମୁଗୁଲୀ ଓ କୈଳାସ ମୂଗୁଲି ନିଜ ଝିଅ ଘରକୁ ଯାଇ ନିଜ ଗ୍ରାମ ଜଳନିଧୀକୁ ନାତୁଣୀକୁ ଧରି ଫେରୁଥିବା ବେଳେ ବକାଗୁଡା ଘାଟିରେ ସନ୍ଧ୍ୟା ୪ଟା ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା। ଘଟଣା ସ୍ଥଳରେ ବୃନ୍ଦାବନ ମୁଗୁଲି(୫୦) ଙ୍କ ମୃତ୍ୟୁ ହୋଇଥିବା ବେଳେ କୈଳାସ ମୁଗୁଲି(୪୫) ଓ ୪ ବର୍ଷର ନାତୁଣୀ ଗୁରୁତର ହୋଇଥିଲେ। ବକାଗୁଡା ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ଚନ୍ଦ୍ରପୁର ଥାନା ଅଧିକାରୀ ଲଳିତ ମୋହନ ସାଗର, ଏଏସଆଇ ନରସିଂହ ସାହୁ ଓ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ରଶି ଲଗାଇ ସିକ୍ୟୁରିଟି ଗାର୍ଡଙ୍କ ଆତ୍ମହତ୍ୟା

ବୈପାରିଗୁଡା,୨୧।୪(ସମିସ): ବେକରେ ରଶି ଲଗାଇ ସିକ୍ୟୁରିଟି ଗାର୍ଡ ଆତ୍ମହତ୍ୟା କରିଛନ୍ତି। ମୃତକ ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଶିରିବେଡା ଗ୍ରାମର ଶଙ୍କର ଦୁରୁଆ (୨୩)। ସୂଚନାନୁଯାଇ, ଶଙ୍କର କିଛି ଦିନ ତଳେ ଶୈବପୀଠ ଗୁପ୍ତେଶ୍ୱରରେ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ପାଇଥିଲେ। ଆଜି ସକାଳୁ ଶଙ୍କର ଘରଠାରୁ କିଛି ଦୂରରେ ଥିବା ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ବୈପାରିଗୁଡା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଆମ୍ବୁଲାନ୍ସ; ଅଳ୍ପକେ ବର୍ତ୍ତିଲେ କର୍ମଚାରୀ



ମୁନିଗୁଡା,୨୧।୪(ସମିସ): ମୁନିଗୁଡା ବ୍ଲକ ତେଲେଙ୍ଗାପଦର ପଞ୍ଚାୟତ ଅଧୀନ ଆଙ୍କୁଳିପଦର ଗ୍ରାମରେ ଘଟିଥିବା ଏକ ଦୁର୍ଘଟଣାର ଆହତଙ୍କୁ ଆଣିବା ପାଇଁ ଯାଉଥିବା ମୁନିଗୁଡା ଆମ୍ବୁଲାନ୍ସ ରାସ୍ତାରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହୁକୁମତଳା ଛକ ନିକଟରେ ଆମ୍ବୁଲାନ୍ସଟି ହଠାତ୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସୌଭାଗ୍ୟବଶତଃ କେହି ଗୁରୁତର ଆହତ ହୋଇନଥିବା ଜଣାପଡିଛି। ଆମ୍ବୁଲାନ୍ସ ଡ୍ରାଇଭର, ଫାର୍ମାସିଷ୍ଟ ଓ ହେଲ୍ପର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଗାଡ଼ିର ସାମ୍ନା ଅଂଶ କିଛି କ୍ଷତିଗ୍ରସ୍ତ ହୋଇଛି। ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ସ୍ଥଳକୁ ପହଞ୍ଚି ସହଯୋଗ କରିଥିବା ସୂଚନା ମିଳିଛି। ସମ୍ପର୍କିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ରମେଶ ଚନ୍ଦ୍ର ପାତ୍ରଙ୍କ ପରଲୋକ



କୋଷାଗୁମୁଡ଼ା,୨୧।୪(ସମିସ): କୋଷାଗୁମୁଡ଼ା ବ୍ଲକ୍‌ସଦର ମହକୁମାର ପୁରୁଖା ବରିଷ୍ଠ କଂଗ୍ରେସ କର୍ମୀ ତଥା ସମାଜସେବୀ ରମେଶ ଚନ୍ଦ୍ର ପାତ୍ର (ବୁଢା ପାତ୍ର)ଙ୍କ ୬୨ବର୍ଷରେ ପରଲୋକ ଘଟିଛି। କୋଷାଗୁମୁଡ଼ା ବ୍ଲକର ଯୁବ ସାମ୍ବାଦିକ ନରେନ୍ଦ୍ର ପାତ୍ରଙ୍କ ବାପା ଅଟନ୍ତି। ସୋମବାର ସନ୍ଧ୍ୟାରେ ହଠାତ ଶରୀର ଅସୁସ୍ଥତା ଯୋଗୁଁ ଶ୍ରୀ ପାତ୍ରଙ୍କୁ ଜଗଦଲପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳ ୭ଟା ୩୫ରେ ଚିକିତ୍ସିତ ଅବସ୍ଥାରେ ଜଗଦଲପୁର ସ୍ଥିତ ଡିମରାପାଲ ହସ୍ପିଟାଲରେ ଶ୍ରୀ ପାତ୍ରଙ୍କ ପରଲୋକ ଘଟିଛି। ଆଜି କୋଷାଗୁମୁଡ଼ା ନିଜ ବାସଭବନରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲ୍ଲା କଂଗ୍ରେସ ସଭାପତି ଲିପିକା ମାଝୀ, ସଂଜୀବ ବିଶୋଇ, ପଦ୍ମନ ବିଶୋଇ, ବ୍ଲକ କଂଗ୍ରେସ ସଭାପତି ପଦ୍ମସାଇ ମାଳି, କେଏନ ରାଜୁ ପ୍ରମୁଖଙ୍କ ଙ୍କ ସହ ଅଞ୍ଚଳ ଓ ଜିଲ୍ଲାର ବିଭିନ୍ନ ଭଦ୍ରବ୍ୟକ୍ତି ଶ୍ରୀ ପାତ୍ରଙ୍କ ଶେଷ ଦର୍ଶନ କରିଛନ୍ତି। କୋଷାଗୁମୁଡ଼ା ଭାସ୍କେଲ ନଦୀ ପ୍ରାଙ୍ଗଣରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ମୃତ୍ୟୁ ଶଯ୍ୟା ସମୟରେ ସାନ ପୁଅ, ବୋହୂଙ୍କ ସହ ପରିବାର ଲୋକ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ଦିବାକର ନାୟକଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା

ଜୟପୁର,୨୧।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ଶ୍ରମିକ କର୍ମଚାରୀ ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାଶ, ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳ, ଶ୍ରମିକ ନେତା ଭୁବନ କମାର, ଛାତ୍ରନେତା ଭୀଷ୍ମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପ୍ରସଙ୍ଗ

# 'ମହିଳା ସଂରକ୍ଷଣ ବିଲ୍ ଆଗତ ପଛରେ ସରକାରଙ୍କ ଷଡଯନ୍ତ୍ର'

## ମହିଳାଙ୍କୁ ଉଚିତ ନ୍ୟାୟ ନ ମିଳିବା ଯାଏଁ କଂଗ୍ରେସ ଆନ୍ଦୋଳନ ଜାରି ରଖିବ




ନବରଙ୍ଗପୁର,୨୧।୪(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଲିପିକା ମାଝୀଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ଭବନ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବାଦିକ ସମ୍ମିଳନୀରେ ଡବଲ ଇଞ୍ଜିନ ସରକାରଙ୍କ ଆନ୍ତରିକତା ବିହୀନ ମହିଳା ସଂରକ୍ଷଣ ବିଲ୍ କାଟ ଖାଇଥିବା ଓ କେନ୍ଦ୍ର ସରକାର କଂଗ୍ରେସକୁ ନିନ୍ଦା ଅପବାଦ ପ୍ରଦାନ କରିବାକୁ ସଭାନେତ୍ରୀ ସୁଶ୍ରୀ ମାଝୀ ସମାଲୋଚନା କରିଥିଲେ। ମହିଳା ସଂରକ୍ଷଣ ବିଲ୍ ଆଗତ ପଛରେ ଡବଲ ଇଂଜିନ ସରକାରଙ୍କ ଷଡଯନ୍ତ୍ର ରହିଥିଲା। ମହିଳାଙ୍କ ସମ୍ମାନ କଂଗ୍ରେସର ପ୍ରଥମ ଲକ୍ଷ୍ୟ ଓ କଂଗ୍ରେସ ଦଳ ସର୍ବଦା ନାରୀ ସମାଜକୁ ନ୍ୟାୟ ପ୍ରଦାନ ଦିଗରେ ସ୍ୱର ଉତ୍ତୋଳନ କରି ଆସିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ସମୟରୁ ସର୍ବଦା ମହିଳାଙ୍କୁ ମୌଳିକ, ରାଜନୈତିକ ଏବଂ ସର୍ବୋପରି ସମାନତାର ଅଧିକାର ପ୍ରଦାନ ଦିଗରେ ଚେଷ୍ଟିତ ଥିବା କଂଗ୍ରେସ ଅଦ୍ୟାବଧି ମହିଳାଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିଥିବା ସେ କହିଛନ୍ତି। ବିରୋଧୀ ଦଳରେ ଥିବା ବେଳେ ବିଜେପି କୌଣସି ସମୟରେ ମହିଳା ସଂରକ୍ଷଣ ବିଲ୍ ପ୍ରତି ଆନ୍ତରିକତା ଦେଖାଇ ନଥିଲା, ବରଂ ସଂରକ୍ଷଣ ପ୍ରତି ବିରୋଧ ଭାବ ପ୍ରଦର୍ଶନ କରି ଆସିଥିଲା। ଦେଶରେ କେନ୍ଦ୍ର ସରକାର ଜଣଗଣନା କରାଇ ସୀମା ନିର୍ଦ୍ଧାରଣ କରି ଆସନ୍ତା ସାଧାରଣ ନିର୍ବାଚନରେ ସାଂସଦ ଓ ବିଧାନସଭା ଆସନ ବଢ଼ାଇବାର ଏକ ପରିକଳ୍ପନା କରି ତରବରିଆ ଭାବେ ଚଳିତ ମାସ ୧୫ ତାରିଖ ରୁ ୧୭ ତାରିଖ ମୋଟ ୩ ଦିନ ସ୍ୱତନ୍ତ୍ର ଅଧିବେଶନ ଡାକି ସୀମା ନିର୍ଦ୍ଧାରଣ ଓ ଜଣଗଣନା ଭଳି ଐତିହାସିକ ପଦକ୍ଷେପ ନେବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିଲେ ଜିଲ୍ଲା ସଭାନେତ୍ରୀ ସୁଶ୍ରୀ ମାଝୀ। ଦେଶରେ ମହିଳାଙ୍କୁ ସଂରକ୍ଷଣ ସୁବିଧା ନାମରେ ସେମାନଙ୍କୁ ଆଗକୁ ଠେଲି ସୀମା ନିର୍ଦ୍ଧାରଣ ଓ ଜନଗଣନା ପ୍ରକ୍ରିୟାକୁ ପାରିତ କରି ସାଂସଦ ସଂଖ୍ୟା ୮୫୦ କରିବା ସହ ବିଧାନ ସଭା ସଂଖ୍ୟା ବଢ଼ାଇବା ବର୍ତ୍ତମାନ ପ୍ରଶ୍ନବାଚି ସୃଷ୍ଟି କରିଥିବା କଂଗ୍ରେସ ଦଳ ତରଫରୁ ଆଲୋଚନା ହୋଇଥିଲା। ବର୍ତ୍ତମାନ ସରକାରରେ ବହୁ ଜ୍ଞାନୀ ଗୁଣି ବ୍ୟକ୍ତି ଥିବା ସତ୍ତ୍ୱେ ନିଷ୍ପତ୍ତି ଦିଗହରା ହେବା ଦେଶ ପାଇଁ ହିତକର ନୁହେଁ ବୋଲି ଉପସ୍ଥିତ କର୍ମୀ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବରିଷ୍ଠ ନେତା ଦିଲ୍ଲୀପ କୁମାର ବେହେରା, ବୃନ୍ଦାବନ ତ୍ରିପାଠୀ, ପ୍ରଦୀପ ସାହୁ, ରାମ ପ୍ରସାଦ ପାତ୍ର, ଦିବାକର ପୂଜାରୀ, ଅଖିଳ ଭତରା, ଗୋପାଳ ତ୍ରିପାଠୀ, ପ୍ରକାଶ ସାମନ୍ତରାୟ, ଗଣେଶ ପଟନାୟକ, ଶିବରାମ ରାଜୁ, ବାସୁଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଛି, ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ନୁହେଁ'




କୋରାପୁଟ,୨୧।୪(ସମିସ): ମହିଳା ସଂରକ୍ଷଣ ଏବଂ ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ବିଜେପି ଯେଉଁ ଭ୍ରମ ଧାରଣା କରୁଛି ତାହାକୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସମାଲୋଚନା କରାଯାଇଛି। କୋରାପୁଟ ପ୍ରେସକ୍ଲବ ଠାରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଛି, କିନ୍ତୁ ଜନଗଣନା ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ନୁହେଁ ବୋଲି ପଟ୍ଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। କଂଗ୍ରେସ ବିରୋଧରେ ବିଜେପି ଯେଉଁ ଅପପ୍ରଚାର କରୁଛି ତାହା ଠିକ୍ ନୁହେଁ। ମହିଳା ସଂରକ୍ଷଣ ବିଲକୁ ନେଇ ବିଜେପି କୁମ୍ଭୀରକାନ୍ଦଣା ବନ୍ଦ କରୁ ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା କହିଛନ୍ତି। ଯଦି ସତସାହସ ଅଛି ଜନ ଗଣନା ଆଧାରରେ ମହିଳା ସଂରକ୍ଷଣ ବିଲ ଆଣନ୍ତୁ ବୋଲି ସେ କହିଛନ୍ତି। ମହିଳା ସଂରକ୍ଷଣ ବିଲକୁ କଂଗ୍ରେସ ଦଳ ଆଗରୁ ସମର୍ଥନ କରିଥିଲା ଏବେ ମଧ କରୁଛି କିନ୍ତୁ ମହିଳା ସଂରକ୍ଷଣ ବିଲ୍ ସହିତ ସୀମା ପୁନଃ ନିର୍ଦ୍ଧାରଣକୁ ଯୋଡିବାକୁ କଂଗ୍ରେସ ବିରୋଧ କରୁଛି ବୋଲି ରାଜ୍ୟ କଂଗ୍ରେସ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି। ସେହିପରି ମହିଳା ସଂରକ୍ଷଣ ବିଲକୁ କଂଗ୍ରେସ ସମର୍ଥନ କରୁଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଟିମ, ପୂର୍ବତନ କୋରାପୁଟ ପୌର ଉପାଧ୍ୟକ୍ଷ ବିଜୟ କୁମାର ରାଓ, କୋରାପୁଟ ପୌର ପରିଷଦ କାଉନସିଲର ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିରୋଧଦଳ ଅସହିଷ୍ଣୁ ହୋଇ ମହିଳା ବିଲକୁ ବିରୋଧ କରିଛନ୍ତି: ଡ. ଜ୍ୟୋତି ପାଣିଗ୍ରାହୀ



ଜୟପୁର,୨୧।୪(ସମିସ): ଦେଶରେ ମହିଳା ବିଲକୁ ଲାଗୁ କରିବା ନେଇ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଲୋକସଭାରେ ମହିଳା ବିଲ୍ ଉପସ୍ଥାପନ କରିଥିଲେଙ୍ଫ କିନ୍ତୁ ବିରୋଧି ଦଳର ଏହାକୁ ପ୍ରବଳ ବିରୋଧ ଯୋଗୁଁ ଏହି ବିଲ୍ କାଟ ଖାଇଥିଲା। ବିରୋଧଦଳ ଅସହିଷ୍ଣୁ ହୋଇ ମହିଳା ବିଲକୁ ବିରୋଧ କରିଥିଲେ ବୋଲି ଆଜି ଜୟପୁରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚର ନେତ୍ରୀ ତଥା ପୂର୍ବତନ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ଜ୍ୟୋତି ପାଣିଗ୍ରାହୀ ବିରୋଧି ଦଳକୁ ନିନ୍ଦା କରିଥିଲେ। ଗତ ୨୦୨୩ ମସିହାରେ ମହିଳା ସଂରକ୍ଷଣ ବିଲ ପାର୍ଲାମେଣ୍ଟର ଉଭୟ ଗୃହରେ ପାରିତ ହୋଇଥିଲେ ସୁଦ୍ଧା ଏହାକୁ କାହିଁକି ବିଜେପି ପରିଚାଳିତ କେନ୍ଦ୍ର ସରକାର ଲାଗୁ କରିଲେ ନାହିଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ମହିଳା ମୋର୍ଚ୍ଚାର ନେତ୍ରୀମାନେ କୌଣସି ସ୍ପଷ୍ଟ ଉତ୍ତର ରଖିପାରି ନଥିଲେ। ବିଜେପି ଦଳ ନିଜ ପକ୍ଷରୁ ଦେଶରେ ମହିଳାମାନଙ୍କୁ ଅଗ୍ରାଧିକ ଦେଇ ବିଧାନସଭା ଏବଂ ସାଂସଦ ଭାବେ ସଂରକ୍ଷଣ ରଖିବାର କୌଣସି ପ୍ରସ୍ତାବ ରହିଛି ବୋଲି ପ୍ରଶ୍ନ ପଚରାଯିବାରେ ଆଗାମୀ ସମୟ କହିବ ବୋଲି କହି ଏଡାଇ ଯାଇଥିଲେ। ଅନ୍ୟପକ୍ଷରେ ବିରୋଧି ଦଳର ଛୋଟ ମାନସିକତା ଯୋଗୁଁ ମହିଳାମାନଙ୍କୁ ଉତ୍ଥାନ ଚାହୁଁନଥିବା ଯୋଗୁଁ ଏପରି ମହିଳା ସଂରକ୍ଷଣ ବିଲକୁ ଗତ ୧୬ ଏବଂ ୧୭ ତାରିଖରେ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲେ ସୁଦ୍ଧା ପ୍ରବଳ ବିରୋଧ କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ତେଣୁ ଆଗାମୀ ଦିନରେ ସାରା ଦେଶରେ ମହିଳାମାନଙ୍କ ଯେଉଁ ଅନ୍ତରଆତ୍ମା କାନ୍ଦିଛି ଏହାର ନିଶ୍ଚିତ ଭାବେ ବିରୋଧିଦଳ ପରିଣାମ ଭୋଗିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚର ନେତ୍ରୀମାନେ କହିଥିଲେ। ଏହି ଅବସରରେ ରାଜ୍ୟ ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ସଭାନେତ୍ରୀ ସ୍ୱାତୀ ହୋତା, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟା ଅଞ୍ଜଳି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର



ଲକ୍ଷ୍ମୀପୁର,୨୧।୪(ସମିସ): ଲକ୍ଷ୍ମୀପୁର ଅବସପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ଓଡିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ୯ ଦଫା ଓ ପ୍ରଧାନମନ୍ତ୍ରୀଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଥିବା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ମାଥିଅୁ ଗରଡା କହିଛନ୍ତି। ଏହି ସମୟରେ ଉପସଭାପତି ବଳଭଦ୍ର ଖରା, ସମ୍ପାଦକ ମହାଦେବ ଶତପଥୀ, ସହ ସମ୍ପାଦକ ସୀମାଞ୍ଚଳ ଗରଡ଼ା, କୋଷାଧ୍ୟକ୍ଷ ମଙ୍ଗଳ ଖୋସ୍ଲା ଏବଂ କାକିରିଗୁମ୍ମା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଜଳନ୍ଧର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ସଂଘ ପକ୍ଷରୁ ପଣା ଓ ପ୍ରସାଦ ବଣ୍ଟନ



ଗୁଣୁପୁର,୨୧।୪(ସମିସ): ଗୁଣପୁର ଅଟୋ ସଂଘ ତରଫରୁ ଶ୍ରୀରାମ ନବମୀଠାରୁ ଅକ୍ଷୟ ତୃତୀୟ ପର୍ଯ୍ୟନ୍ତ ପଣା ଓ ପ୍ରସାଦ ବଣ୍ଟନ କରାଯାଇଛି। ଗୁଣପୁର ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଅଟୋ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିଦିନ ପଣା, ଦହି ଚଲା, ମାଣ୍ଡିଆ ଯାଉ ଏବଂ ଶେଷଦିନ ଅର୍ଥାତ ଅକ୍ଷୟ ତୃତୀୟ ଦିନ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁଣୁପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଶୁଭାରମ୍ଭ କରିଥିଲେ। ସଂଘର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଅକ୍ଷୟ ଶତପଥୀ ଉପସ୍ଥିତ ରହିଥିବା ବେଳେ ସଭାପତି ଗୁପ୍ତପ୍ରସାଦ ବାଉରୀ ଉପ ସଭାପତି ରାମ ମହାନ୍ତି, ସମ୍ପାଦକ ଶ୍ରୀରାମ ଅଜିତ ଏବଂ କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ମିଶ୍ର ଓ ସଙ୍ଘର ଅନ୍ୟାନ୍ୟ ସଦସ୍ୟ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା।

# ଗ୍ରୀଷ୍ମ ପ୍ରବାହ ପାଇଁ ୨୨ ରୁ ୨୫ ଯାଏଁ ଶିକ୍ଷାନୁଷ୍ଠାନ ବନ୍ଦ

ମାଲକାନଗିରି,୨୧।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ନେଇ ଏକ ବଡ଼ ଘୋଷଣା କରାଯାଇଛି। ଜିଲ୍ଲାରେ ପ୍ରକଟ ହୋଇଥିବା ପ୍ରବଳ ତାତି ଓ ଗୁଳୁଗୁଳିରୁ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆସନ୍ତା ଏପ୍ରିଲ ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ପାଇଁ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ପାଇଁ ଲାଗୁ ହେବ। ତେବେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ଓସେପା ଦ୍ୱାରା ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଜାରି ରହିବ। ଏହା ସହିତ ବିଏସ୍‌ଇ, ସିଏଚଏସଇ, ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ଅନ୍ୟ କୌଣସି ନିର୍ଦ୍ଧାରିତ ପରୀକ୍ଷା ମଧ୍ୟ ପୂର୍ବ କାର୍ଯ୍ୟକ୍ରମ ଅନୁଯାୟୀ ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କ ସୁରକ୍ଷା ପାଇଁ ଶିକ୍ଷାନୁଷ୍ଠାନ ମୁଖ୍ୟମାନେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ ଏବଂ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲଗୁଡ଼ିକ ଛାତ୍ରଛାତ୍ରୀଙ୍କ ପାଇଁ ବନ୍ଦ ରହିଲେ ମଧ୍ୟ ନାମଲେଖା, ପ୍ରଶାସନିକ କାର୍ଯ୍ୟ ଏବଂ ଜନଗଣନା ପରି ଜରୁରୀ କାର୍ଯ୍ୟ ଚାଲୁ ରହିବ। ଏଥିପାଇଁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସକାଳ ୬ଟା ୩୦ ରୁ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସରକାରଙ୍କ ଉପରୁ ଭରସା ହରାଉଛନ୍ତି କେନ୍ଦୁପତ୍ର ତୋଳାଳୀ

# ବିଳମ୍ବ ଓ କମ୍ ବିକ୍ରି ଦେୟ; ଫଡ଼ିରୁ ମୁହଁ ଫେରାଉଛନ୍ତି ତୋଳାଳି



ମାଥିଲି,୨୧।୪(ସମିସ): ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ଯେପରି ବିଭାଗ ପକ୍ଷରୁ ତୋଳାଳୀମାନଙ୍କୁ ବୁସ କଟିଙ୍ଗ, ଜୋତା, ଟୋପି, ପାଣି ବୋତଲ ସହ କେନ୍ଦୁପତ୍ର ତୋଳାଳୀମାନଙ୍କର ଦୁଇଟି ସନ୍ତାନ ପାଠ ପଢିବାକୁ ଭତ୍ତା, କନ୍ୟା ବିବାହ ପାଇଁ ଆର୍ଥିକ ସହାୟତା ଓ ମୃତ୍ୟୁକାଳୀନ ବୀମା ଯୋଜନା ମଧ୍ୟ ରହିଛି। ତଥାପି କେନ୍ଦୁପତ୍ର ତୋଳାଳୀମାନେ ସରକାରୀ ଫଡ଼ିକୁ ମୁହଁ ଫେରାଉଛନ୍ତି। ସରକାରୀ ଫଡ଼ିରେ ହିତାଧିକାରୀଙ୍କୁ ବିଡ଼ା ପିଛା ୩ ଟଙ୍କା ୨୦ ପଇସା ମିଳୁଥିବା ବେଳେ ତାହା ବି ବିଳମ୍ବରେ ମିଳୁଛି। ଘରୋଇ କମ୍ପାନୀମାନେ ସିଧାସଳଖ ପତ୍ର ନେଉଛନ୍ତି ସଙ୍ଗେ ସଙ୍ଗେ ବିଡ଼ା ପିଛା ୪ ଟଙ୍କା ଦେଉଛନ୍ତି। କିନ୍ତୁ ସରକାରୀ ଫଡ଼ିରେ ପତ୍ର ଦେବା ପରେ ମାସ ମାସ ଅପେକ୍ଷା କରିବାକୁ ପଡୁଛି। ଏମିତି କି ସରକାର ଘୋଷଣା କରିଥିବା ବୋନସ ପଇସା ଗତବର୍ଷର ଏପର୍ଯ୍ୟନ୍ତ ମିଳି ନାହିଁ। ସେଥିପାଇଁ ତୋଳାଳୀମାନଙ୍କର ସରକାରଙ୍କ ଉପରେ ଭରଷା ହେଉ ନାହିଁ ବୋଲି ଅନେକ ତୋଳାଳୀ କହିଛନ୍ତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି କେନ୍ଦୁପତ୍ର ବନାଞ୍ଚଳ ଅଞ୍ଚଳରେ। ମାଥିଲି କେନ୍ଦୁପତ୍ର ବନାଞ୍ଚଳ ଅଧୀନରେ ୬୭ ସରକାରୀ ଫଡ଼ି ରହିଥିବା ବେଳେ ୬୭୪୯ ଜଣ ପଞ୍ଜିକରଣ କେନ୍ଦୁପତ୍ର ତୋଳାଳୀ ନାମ ପଞ୍ଜିକରଣ କରିଛନ୍ତି। ଚଳିତ ବର୍ଷ ବିଭାଗ ପକ୍ଷରୁ ୧କୋଟି ୪୩ଲକ୍ଷ ୭୫ହଜାର କେନ୍ଦୁପତ୍ର ବିଡ଼ା କ୍ରୟ କରିବାର ଲକ୍ଷ୍ୟ ରଖା ଯାଇଥିଲା। କିନ୍ତୁ ବର୍ତ୍ତମାନ ଏପ୍ରିଲ ୧୯ ତାରିଖ ସୁଦ୍ଧା ମାତ୍ର ୭୨ ଲକ୍ଷ ୬୪ ହଜାର ୮୧୫ କେନ୍ଦୁପତ୍ର ବିଡା ତଥା ବିଭାଗ ଧାର୍ଯ୍ୟ ଲକ୍ଷ୍ୟଠାରୁ ମାତ୍ର ୫୦.୫୪ ପ୍ରତିଶତ କ୍ରୟ କରିବାର ସକ୍ଷମ ହୋଇଛନ୍ତି ବିଭାଗ। ଅନ୍ୟପକ୍ଷରେ ଅନେକ ଫଡ଼ିରେ ପତ୍ର ସରି ଗଲାଣି ବାକି ହାତ ଗଣତି ଫଡ଼ିରେ କ୍ରୟ ଚାଲୁଛି। ଯାହା ଲାଗୁଛି ବିଭାଗ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପୂରଣ କରିବାରେ ବିଫଳ ହେବାର ସମ୍ଭାବନା ରହିଛି। ତାହା ସହିତ ସରକାରୀ ଫଡ଼ିରେ ତୋଳାଳୀମାନଙ୍କ ପାଇଁ ଯେଉଁ ସବୁ ବ୍ୟବସ୍ଥା ରହିବା କଥା ତାହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନେକ ସରକାରୀ ଫଡ଼ିରେ ଛାମୁଣ୍ଡିଆ ନାହିଁ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ଏବିଷୟରେ ମାଥିଲି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ, ତୋଳାଳୀମାନଙ୍କର ବୁସ କଟିଙ୍ଗ ପାଇଁ ୫୧୮ଟଙ୍କା ଓ ଟୋପି, ପାଣି ବୋତଲ ଓ ଚପଲ ପାଇଁ ୪୬୦ଟଙ୍କା ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପଠାଯାଇଛି। ବାକି ବିଭାଗ ପାଖରେ ରହୁଛି। ସେଥିପାଇଁ ସରକାରୀ ଫଡ଼ିରେ ଗତବର୍ଷ ବର୍ଷ ଧାର୍ଯ୍ୟ କ୍ରୟ ଠାରୁ ଚଳିତ ବର୍ଷ ଆଉ ବଢି ପାରୁ ନାହିଁ ବୋଲି ବହୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ

### ୫୦.୫୪ ପ୍ରତିଶତ କ୍ରୟ କରିବାରେ ସକ୍ଷମ ହୋଇଛି ବିଭାଗ

କରିଛନ୍ତି। ଯଦି ଘରୋଇ କମ୍ପାନୀମାନେ ପ୍ରତି ପଞ୍ଚାୟତରେ ଚଳିତ ବର୍ଷ କେତେ କ୍ରୟ କରୁଛି ତାହାର ହିସାବ ପଞ୍ଚାୟତମାନଙ୍କୁ ପ୍ରଦାନ କରିବେ ତାହେଲେ କେନ୍ଦୁପତ୍ର ବିଭାଗ ଓ ପଞ୍ଚାୟତମାନଙ୍କ ମଧ୍ୟରେ ସମନ୍ୱୟ ରହିବ ତାହେଲେ ଚଳିତ ବର୍ଷ ମାଥିଲି କେନ୍ଦୁପତ୍ର ବନାଞ୍ଚଳ ଅଞ୍ଚଳରେ କେତେ କେନ୍ଦୁପତ୍ର ତୋଳା ଯାଇଛି ତାହାର ହିସାବ ବିଭାଗ ପାଖରେ ରହିପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଞ୍ଚାୟତରେ ଘରୋଇ କମ୍ପାନୀ ପକ୍ଷରୁ ଚଳିତବର୍ଷ କେତେ କେନ୍ଦୁପତ୍ର କ୍ରୟ କରାଯାଇଛି। ତାହାର ହିସାବ ସମସ୍ତ ପଞ୍ଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହୋଇଛି।

କେନ୍ଦୁପତ୍ର ଗତବର୍ଷ ବିଡ଼ା ପିଛା ୩ ଟଙ୍କା ୨୦ ପଇସା ହିସାବରେ କିଣା ଚାଲିଛି। କିନ୍ତୁ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ଦର ଆସିବାରେ ଅଛି। ଆସିବା ମାତ୍ରେ ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ଟଙ୍କା ଯିବ ବୋଲି କହିଥିଲେ। ଘରୋଇ କମ୍ପାନୀମାନେ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ନିକଟରେ ୪୦ ହାଜର ଟଙ୍କା ଦେଇ ରସିଦ କାଟି ବେଧଡକ ଭାବେ କେନ୍ଦୁପତ୍ର କିଣୁଛନ୍ତି। କିନ୍ତୁ ବିଭାଗ ପାଖରେ ସରକାରୀ ଫଡ଼ିରେ କେତେ କ୍ରୟ ହେଉଛି ତାହାର ହିସାବ ତ ରହୁଛି। କିନ୍ତୁ ବେସରକାରୀ ଫଡ଼ିରେ କେତେ କ୍ରୟ ହେଉଛି ତାହାର ହିସାବ ପଞ୍ଚାୟତ ପାଖରେ ରହୁଛି ନା

**● ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା**

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୧।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରା ତଥା ପୋକ୍ସ କୋର୍ଟ ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅଦାଦେୟ ସ୍ଥଳେ ଅଧିକ ୧୫ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି। ଆଜି ପୋକ୍ସ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସଂଘମିତ୍ରା ଦାଶ ଏହି ମାମଲାର ବିଚାରଣା କରିଥିଲେ। ୧୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତ ସେମିଳିଗୁଡା ଥାନା ମାଝିପୁଟ ଗ୍ରାମର ଗୋପାଳ ପାଙ୍ଗି (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ସେହିପରି ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଠାରୁ ଆଦାୟ ହୋଇଥିବା ୫୦ ହଜାର ଟଙ୍କା ସମେତ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ଅନୁଯାୟୀ, ଗତ ୨୦୨୨ ମସିହାରେ ଅଭିଯୋଗକାରିଣୀ ତଥା ପୀଡିତା ସେତେବେଳେ ୧୫ ବର୍ଷର ନାବାଳିକା ରହିଥିଲେ। ସେ ନିଜ ଗ୍ରାମରୁ ନିଜର ସିଲେଇ ସାମଗ୍ରୀ ଆଣିବା ପାଇଁ ସେମିଳିଗୁଡା ଯାଇଥିଲେ। ସେଠାରୁ ଫେରିବା ବେଳେ ଅଭିଯୁକ୍ତ ନାବାଳିକାଙ୍କୁ ତାଙ୍କ ଘରେ ଛାଡିଦେବାକୁ କହି ଅଟୋରେ ବସାଇ ଅଭିଯୁକ୍ତଙ୍କ ଗ୍ରାମକୁ ନେଇଯାଇଥିଲେ। ତାଙ୍କୁ ବିବାହ କରିବାର ପ୍ରତିଶୃତି ଦେଇ ନାବାଳିକାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲେ। ପରବର୍ତ୍ତି ସମୟରେ ନାବାଳିକାଙ୍କ ଉପରେ ଅଭିଯୁକ୍ତ ଯୁବକ ଏବଂ ତାଙ୍କ ପରିବାର ଲୋକେ ଶାରିରୀକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ପ୍ରାୟ ୨ ବର୍ଷ ରଖିବା ପରେ ନାବାଳିକାଙ୍କୁ ଘରୁ ବାହାର କରିଦେଇଥିଲେ। ନାବାଳିକା ବାପ ଘରକୁ ଫେରିବା ପରେ ନାବାଳିକା ଓ ପରିବାର ଲୋକ ଜୟପୁର ମହିଳା ଥାନାରେ ୨୦୨୪ ସେପ୍ଟେମ୍ବର ୩ ତାରିଖରେ ଏତଲା ଦେଇଥିଲେ। ମହିଳା ଥାନା ପୁଲିସ ଏକ ମାମଲା (୧୫୫/୨୪) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରୁ ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ୟାସୀ ରାଓ ମାମଲା ପରିଚାଳନା କରିଥିଲେ।

# ସ୍ନାତକ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟ ସମାରୋହ



ସେମିଳିଗୁଡା,୨୧।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସ୍ନାତକ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଦାୟ ସମାରୋହ (ଫେୟାରୱେଲ ପାର୍ଟି) ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ସିଂହ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଜୀବନରେ ସଫଳତା ପାଇବା ପାଇଁ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ, ଏକ ସୁସଂସ୍କାରଓ ସଚ୍ଚୋଟ ମଣିଷ ହେବା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ସେ ଛାତ୍ରଛାତ୍ରୀମାନଙ୍କୁ ସମାଜ ବିରୋଧୀ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ଏବଂ ଉଭୟ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ନୈତିକତାର ପଥରେ ଚାଲିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ନିରଞ୍ଜନ ପୋଡ଼ ସଫଳତାର ସହ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପିକା ଡ. ଗୀତା ପଟ୍ଟନାୟକ, ରୋନାଲି ନାୟକ ଓ ସଙ୍ଗୀତ ପଣ୍ଡା ମଧ୍ୟ ଉପସ୍ଥିତ ରହି ତୀକ୍ଷ୍ଣ ବୁଦ୍ଧି, ପରିଶ୍ରମ ଓ ନିଷ୍ଠା ସହ ଜୀବନ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ବିଦାୟୀ ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି ବାଣ୍ଟିବା ସହ ଅଧ୍ୟାପକ ଅଧ୍ୟାପିକାମାନଙ୍କ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଆଦିବାସୀ ସମାଜ କମିଟି ଚୟନ ବୈଠକ

ଚନ୍ଦ୍ରପୁର,୨୧।୪(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ଗ୍ରାମ ପଞ୍ଚାୟତର ସମସ୍ତ ଆଦିବାସୀ ଭାଇଭଉଣୀଙ୍କୁ ନେଇ କମିଟି ଚୟନ କରାଯାଇଛି। ଚନ୍ଦ୍ରପୁର ବ୍ଲକରେ ଆଦିବାସୀ ସମାଜର ଶୁଭ ଉଦ୍‌ଘାଟନ ବେଳେ ଡାଙ୍ଗସୋରଡା ପଞ୍ଚାୟତ କମିଟି ଚୟନ ବୈଠକ ସଫଳ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଦିବାସୀ ସମାଜ ପଞ୍ଚାୟତସ୍ତରୀୟ ସଂଘ ଶୁଭ ଉଦ୍‌ଘାଟନ ସମାରୋହ କମିଟି ଗଠନ କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟ ଅତିଥି ଟିବୁ ସାରାକା ସାଧାରଣ ସମ୍ପାଦକ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ରାୟଗଡ଼ା। ସମ୍ମାନୀତ ଅତିଥି ବିଜୟ କୁମାର ମେଲାକା ଆଇଟି ସେଲ ମୁଖ୍ୟ (ସୋମ) ତଥା ଦକ୍ଷିଣାଞ୍ଚଳ ଓଡ଼ିଶା ରାୟଗଡ଼ା ମଧ୍ୟ ଉପସ୍ଥିତ ରହିଥିଲେ। ଏହି କମିଟି ଚୟନ ବୈଠକରେ ଚନ୍ଦ୍ରପୁର ବ୍ଲକ ଆଦିବାସୀ ସମାଜର ସଭାପତି ଧରଣୀ ସାରାକା, ସମ୍ପାଦକ ନୁନିଙ୍ଗା ବ୍ରେକ୍ରେଡା, ସାଙ୍ଗଠନିକ ସମ୍ପାଦକ ବିଜୟ ପ୍ରସାଦ ଉଲ୍ଲାକା, କୋଷାଧ୍ୟକ୍ଷ ଧାନୁମାଝି କୁମୁରୁକା, ମିଡ଼ିଆ ଓ ପବ୍ଲିକ୍ ସିଟ୍ କେଶବ ସାରାକା, ଉପଦେଷ୍ଟା ସନ୍ୟାସୀ ପ୍ରାସ୍କା ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବେ ସତ୍ୟନାରାୟଣ ପ୍ରତିକା, ସୁନାମଣି ପ୍ରତିକା ଉପସ୍ଥିତ ଥିଲେ।ଆଦିବାସୀ ସମାଜ କମିଟି ଚୟନ ଡାଙ୍ଗସୋରଡ଼ା ଗ୍ରାମ ପଞ୍ଚାୟତସ୍ତରୀୟ କେରେଞ୍ଜା ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କମିଟି ଚୟନରେ ସଭାପତି ଭାବେ ଦୟାନିଧି ସାରାକା, ଉପ ସଭାପତି ଭାବେ ଗୋଲାପି ମାଝୀ, ରାମ ଚନ୍ଦ୍ର ଡୁଡୁକା, ଯୋଗିରାମ ଦିବାକା, ସାଧାରଣ ସମ୍ପାଦକ ତ୍ରିନାଥ ମୁଣ୍ଡିକା, ଯୁଗ୍ମ ସମ୍ପାଦକ ବାବୁଲା ଦିବାକା, କୋଷାଧ୍ୟକ୍ଷ ବିନୋଦ ମୁଣ୍ଡିକାଙ୍କୁ ଚୟନ କରାଯାଇଥିଲା। ବୈଠକରେ ୧୭ ଜଣ ସଦସ୍ୟ କମିଟି ଚୟନ କରାଯାଇଥିଲା। ବୈଠକରେ ପଞ୍ଚାୟତର ପ୍ରତ୍ୟେକ ଗାଁର ୮୦ ଜଣ ମହିଳା ପୁରୁଷ ଉପସ୍ଥିତ ଥିଲେ। ଶେଷରେ ଦାୟିତ୍ୱ ପାଇଥିବା ସଦସ୍ୟ ଓ ସଦସ୍ୟା କାର୍ଯ୍ୟ ତୁଲାଇବା ପାଇଁ ଶପଥ ପାଠ କରିଥିଲେ। ଉକ୍ତ କମିଟି ଚୟନ କାର୍ଯ୍ୟକ୍ରମ ବୈଠକଟି ଉପସ୍ଥିତ ଅତିଥି ସତ୍ୟନାରାୟଣ ପ୍ରତିକା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।



## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# ଆଧୁନିକ ଓଡ଼ିଶାର ଦୂରଦ୍ରଷ୍ଟା ନିର୍ମାତା ଥିଲେ ସଦାଶିବ







ନବରଙ୍ଗପୁର,୧।୪(ସମିସ): ମଙ୍ଗଳବାର ସ୍ଥାନୀୟ ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟ ସଦାଶିବ ପାର୍କଠାରେ ସ୍ଥାପିତ ଡ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅନ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ବିଡିଓ ନବରଙ୍ଗପୁର ସୁନିଲ ଖରା, ଡ. ସଦାଶିବ ତ୍ରିପାଠୀଙ୍କ ଦାୟାଦ ଅର୍ଜୁନ ତ୍ରିପାଠୀ, ମୁନା ତ୍ରିପାଠୀ, ସଙ୍ଗୀତା ତ୍ରିପାଠୀ, ପ୍ରଭାତୀ ତ୍ରିପାଠୀ, ଜଗନ୍ନାଥ ମହାପାତ୍ର, ଡ. ବିଜୟ ମିଶ୍ର , ନିରଞ୍ଜନ ମିଶ୍ର, ବିଜୟ ଚୌଧୁରୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ପୌରପାଳିକା ସମ୍ମିଳନୀ ଗୃହରେ ଅନୁଷ୍ଠିତ ସ୍ମୃତି ଚାରଣସଭାରେ ବିଶିଷ୍ଟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ସମ୍ମାନୀତ ଅତିଥି ଭାବରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସମେତ ମନୋରଞ୍ଜନ ତ୍ରିପାଠୀ, ବିଜୟ ମିଶ୍ର, ସଙ୍ଗୀତା ତ୍ରିପାଠୀ, ପ୍ରଭାତୀ ତ୍ରିପାଠୀ, ବିଡିଓ ସୁନିଲ ଖରା ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିଥିଗଣ ଡ ସଦାଶିବ ତ୍ରିପାଠୀଙ୍କ ଆଦର୍ଶକୁ ନିଜ ଜୀବନରେ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତର ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**କୋରାପୁଟ:** କୋରାପୁଟ ଆର୍ଟ ଗ୍ୟାଲେରୀ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର, ବୁଦ୍ଧିଜୀବି, ସାହିତ୍ୟିକ, କବି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଡ. ସଦାଶିବ ତ୍ରିପାଠୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। କବି ରବି ଶତପଥୀ ଡ. ସଦାଶିବ ତ୍ରିପାଠୀଙ୍କୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ନେତା, ଆଦର୍ଶବାଦୀ, ସାଧୁତା ଓ ଭୂସଂସ୍କାର ଆଇନର ସଫଳ ରୂପାୟନକର୍ତ୍ତା ରୂପେ ଅଭିହିତ କରି ନିଜ ଜୀବନରେ ତାଙ୍କର ଆଦର୍ଶ ଓ ଦର୍ଶନକୁ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରିଥିଲେ।

**ମାଲକାନଗିରି :** ମାଲକାନଗିରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡ. ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ଯେ, ଡ. ସଦାଶିବ ତ୍ରିପାଠୀ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତା। ତାଙ୍କର ନିର୍ମଳ ଶାସନ ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ନିଷ୍ଠା ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା, ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଏବଂ ଅଧ୍ୟାପକ ଡଃ ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଡଃ ତ୍ରିପାଠୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ, ଡଃ ତ୍ରିପାଠୀଙ୍କ ସରଳ ଜୀବନଯାପନ ଏବଂ ଶିକ୍ଷାର ପ୍ରସାର ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଅତୁଳନୀୟ। ଜଣେ ଗାନ୍ଧୀବାଦୀ ନେତା ଭାବେ ସେ ସର୍ବଦା ନିଷ୍ପେଷିତଙ୍କ ସ୍ୱର ହୋଇ ରହିଥିଲେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ରଞ୍ଜନ ମହାନ୍ତି ଏବଂ ହରେକୃଷ୍ଣ କୀର୍ତ୍ତନିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

